ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Energy(OD)/ 1488/22-03-2021**

# ବାଲେଶ୍ୱରଠାରେ ଉତ୍ତର ଓଡ଼ିଶା ଶିଳ୍ପ ଅଭିବୃଦ୍ଧି ଉପରେ ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା

ଭୁବନେଶ୍ୱର, ତା.୨୨/୦୩/୨୦୨୧

ଆସନ୍ତାକାଲି ବାଲେଶ୍ୱର ସ୍ଥିତ ନୋସି ବିଜିନେସ୍ ପାର୍କଠାରେ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ତିନୋଟି ଜିଲ୍ଲାର ଶିଳ୍ପ ଅଭିବୃଦ୍ଧି, ସମସ୍ୟା ଓ ତା'ର ପ୍ରତିକାର ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଶ୍ରୀ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ତିନି ଜିଲ୍ଲାର ଶିଳ୍ପ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେବେ । ଏହି ବୈଠକରେ ଶିଳ୍ପକୁ ନେଇ ଦେଖାଦେଇଥିବା ସମସ୍ୟା, ଭିତ୍ତିଭୂମି ବିକାଶ, ବୃହତ୍ ଶିଳ୍ପ ପ୍ରତିଷ୍ଠାନ, ବାଲେଶ୍ୱରଠାରେ ଅର୍ଥନୈତିକ କାର୍ଯ୍ୟକ୍ରମ, ବ୍ୟାଙ୍କ ଲିଙ୍କେଜ୍, କ୍ଲଷ୍ଟର ଆଭିମୁଖ୍ୟ ନେଇ ଶିଳ୍ପପୁଞ୍ଜର ବିକାଶ, ଶିଳ୍ପାଞ୍ଚଳରେ ବିଦ୍ୟୁତ ଯୋଗାଣ, ଜଳଯୋଗାଣ, ଯୋଗାଯୋଗ ସୁବିଧା ପ୍ରଭୃତି ଉପରେ ବିଶଦ ଭାବେ ଆଲୋଚନା ହେବ । ଉଦ୍ୟୋଗୀମାନେ ସମ୍ମୁଖୀନ ହେଉଥିବା ଅସୁବିଧାଗୁଡ଼ିକ ଉପରେ ଏହି ବୈଠକରେ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ । ବାଲେଶ୍ୱରଠାରେ ଇଡ୍‌କୋ ଏବଂ ବାଲେଶ୍ୱର ଆଲଏଜ୍ ମଧ୍ୟରେ ରହିଥିବା ଜମି ବିବାଦର ସମାଧାନ ଏବଂ ଇପିକଲର ଇଥାନଲ ପ୍ରକଳ୍ପ ପ୍ରତିଷ୍ଠା ନେଇ ଆଲୋଚନା ହେବ । ଏଥି ସହିତ ୩୩/୧୧ କେଭି ସବ୍‌ଷ୍ଟେସନ୍, ଟୁଲ୍ ରୁମସ୍, ରେଲୱେ ସାଇଡିଂ, ବାଇପାସ୍ ରୋଡ୍ ଓ ନୋସି ବିଜିନେସ୍ ପାର୍କଠାରେ ଥିବା ସମସ୍ତ ଭିତ୍ତିଭୂମି ପରିଦର୍ଶନର କାର୍ଯ୍ୟକ୍ରମ ରହିଛି ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମା, ଦକ୍ଷତା ବିକାଶ ବିଭାଗ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ, ଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ଶ୍ରୀ ନିତେନ ଭାନୁଦାସ ଜୱାଲେ, ଶିଳ୍ପ ନିର୍ଦ୍ଦେଶକ ଶ୍ରୀ ସାଦିକ୍ ଆଲାମ୍, ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ନୋସୀର ଅଧ୍ୟକ୍ଷ ଶ୍ରୀ ଏସ୍.କେ. ଖୈତାନ, ଶ୍ରୀ ସି.ପି. ଭାଟିଆ ପ୍ରମୁଖ ଶିଳ୍ପ ବିଷୟରେ ତାଙ୍କର ତଥ୍ୟ ଉପସ୍ଥାପନ କରିବେ ବୋଲି ଜଣାପଡ଼ିଛି ।

ସୁବାଷ ନିଆଲ
ସୂଚନା ଅଧିକାରୀ